# ନାଇଜରରେ ଦ୍ୱାଦଶ ସ୍ନାତକ ସମ୍ମାନ ଉତ୍ସବ




■ ଜଟଣୀ,ତା ୧୭।୭(ପିଏନଏସ)

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର) ର ଦ୍ୱାଦଶତମ ସ୍ନାତକ ଉତ୍ସବ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ନୀତି ଆୟୋଗର ସଦସ୍ୟ ଡ. ବିଜୟ କୁମାର ସାରସ୍ୱତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାଇଜର ବୋର୍ଡ଼ ଅଫ୍ ଗଭର୍ଣ୍ଣସ ଅଧ୍ୟକ୍ଷ ତଥା ଆଣବିକ ଉର୍ଜ୍ଜା ବିଭାଗ ସଚିବ ଡ. ଅଜିତ କୁମାର ପଟ୍ଟନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଦ୍ୱାଦଶ ସ୍ନାତକ ଉତ୍ସବରେ ୧୬୫ଜଣ ଛାତ୍ରଛତ୍ରୀଙ୍କୁ ଏମଏସସି ଡିଗ୍ରୀ, ୫୫ଜଣଙ୍କୁ ପିଏଚଡ଼ି ଡ଼ିଗ୍ରୀ ପ୍ରଦାନ କରାଯିବା ସହ ଏହି ଛାତ୍ରଛାତ୍ରୀ ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଦେଖାଇବା ସଂଗେସଂଗେ ବିଜ୍ଞାନ ଗବେଷଣା ମନସ୍କତାର ପରିଚୟ ପ୍ରଦାନ କରି ଚଳତବର୍ଷ ରସାୟନ ବିଜ୍ଞାନର ଛାତ୍ର ଆଦିତ୍ୟ ପାଲ୍ ସବୁ ଶୈକ୍ଷିକ ବିଭାଗ ମଧ୍ୟରେ ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରାଣୀ ବିଜ୍ଞାନର ପ୍ରିୟବ୍ରତ ବିଶ୍ୱାସ, ରସାୟନ ବିଜ୍ଞାନର ଆଦିତ୍ୟ ପାଲ, ଗଣିତରେ ଅପ୍ରତିମ୍ ଚୌଧୁରୀ ଏବଂ ପଦାର୍ଥ ବିଜ୍ଞାନର ଏସ୍ ଗୌତମେଶ୍ୱର ରୌପ୍ୟ ପଦକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହିତ କେତେକ ସ୍ମାରକ ପଦକ ଶିକ୍ଷା କ୍ଷେତ୍ରରେ ନିପୁଣତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ସାରସ୍ୱତ କହିଲେ ଯେ, ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଅକ୍ଲାନ୍ତ ପରିଶ୍ରମରେ ନାଇଜର ଜାତୀୟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ନାଇଜରଠାରେ ନୂତନ ଭାବେ ପ୍ରତିଷ୍ଠିତ ହେବାକୁ ଥିବା ସାଇକ୍ଲୋଟ୍ରନ୍ କେନ୍ଦ୍ର, ବିଶେଷ କରି ଟାଟା ମେମୋରିଆଲ୍ କେନ୍ଦ୍ର ଦ୍ୱାରା କ୍ୟାନସର ହସ୍ପିଟାଲର ସ୍ଥାପନ ବିଜ୍ଞାନ ଗବେଷଣାରେ ନୂତନ ଦିଗଦର୍ଶନ ଦେବବୋଲି ସେ ଗୁରୁତ୍ୱାରୋପ କରିଥିଲେ। ନାଇଜର ବୋର୍ଡ଼ ଅଫ୍ ଗଭର୍ଣ୍ଣସ ଅଧ୍ୟକ୍ଷ ଚଳିତ ବର୍ଷରେ ସ୍ନାତକ ହେଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଫେସର ଅଜିତ ମହାନ୍ତି ଏବଂ ଡ. ବିଜୟକୁମାର ସାରସ୍ୱତଙ୍କ ପ୍ରତିଷ୍ଠାନର ଦ୍ୱାଦଶତମ ସ୍ନାତକ ଉତ୍ସବରେ ଗାରିମାମୟ ଉପସ୍ଥିତି ପାଇଁ ନାଇଜର ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଇଜରର ଡ଼ିନ୍ ଏକାଡେମିକ୍ ଡଃ. ପ୍ରତାପ ସ୍ୱାଇଁ, ପ୍ରଫେସର ଏ ଶ୍ରୀନିବାସନ୍, ନାଇଜରର କୁଳସଚିବ ଡଃ ଅଭୟ ନାୟକ ଉପସ୍ଥିତ ଥିଲେ। ଡଃ ଦେବସ୍ମିତା ପଙ୍କଜ ଏଲୋନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମଞ୍ଚରେ ମେମ୍ବର ଅଫ୍ ଏକାଡ଼େମିକ କାଉନସିଲ୍ ଏବଂ ବୋର୍ଡ଼ ଅଫ୍ ଗଭର୍ଣ୍ଣର ଉପସ୍ଥିତ ଥିଲେ।

ପ୍ରଗତିବାଦୀ
PRAGATIVADI

SCAN ME

Article published in: Pragativadi, Bhubaneswar Edition, 18.07.2023, Page No. 6